ପାଠ-୧୯

# ହନୁର କଦଳୀ ଖିଆ



ହାତୀ ଓ ହନୁ
ଭାରି ସାଙ୍ଗ ।
ଦିନେ ସାଙ୍ଗ ହୋଇ
ନଦୀ କୂଳରେ
ଯାଉଥିଲେ ।
ବେଙ୍ଗଟିଏ ଡେଇଁ
ପଡ଼ିଲା । ବେଙ୍ଗର
ଶବଦ ଶୁଣି ହାତୀ
ଚମକି ଦେଖିଲା -
ବେଙ୍ଗ ଜଗିଛି କଦଳୀ ବଗିଚା ।



ଶୁଙ୍ଘି ଶୁଙ୍ଘି ହାତୀ କହିଲା,
"ହଳଦିଆ ରଙ୍ଗ କଦଳୀ
କେଡ଼େ ବଢ଼ିଆ ବାସୁଛି ।"
ହନୁ ତା ଜଙ୍ଘିଆ ସଜାଡ଼ି
ସାଙ୍ଗକୁ କହିଲା "କଦଳୀ
ଦୁଇଟା ଖାଇବା ।"



ହନୁକଥା ଶୁଣି ବେଙ୍ଗ ରାଗି ଲାଲ୍ । ରାଗରେ ଜଙ୍ଘ ବାଡ଼େଇ ହନୁର ଜଙ୍ଘିଆକୁ ଟାଣି ଦେଲା । ହନୁର ସାଙ୍ଗ ହାତୀ ବେଙ୍ଗର ଜଙ୍ଘ ବାଡ଼ିଆ ଦେଖି ଫେଁ କିନା ହସି ଦେଲା । କହିଲା, "ସମସ୍ତେ ସାଙ୍ଗ ହୋଇ ରହିବା, ମିଳିମିଶି କଦଳୀ ଖାଇବା, ଆମେ ସଭିଏଁ ଭାଇ ଭାଇ ।"

# ଅଭ୍ୟାସ

୧. ଛବି ଦେଖି ପଢ଼ିବା ।


କଦଳୀ


ହାତୀ


ଦୀପାଳି


ତୀର

୨.




- ଉପର ଛବିରେ ଯେଉଁ ଘରେ (1)'ଈ'କାର ଅଛି, ସେହି ଘର ଫୁଲର ପାଖୁଡ଼ାରେ ହଳଦିଆ ରଙ୍ଗ ଦେବା ।
- ହଳଦିଆ ପାଖୁଡ଼ାଗୁଡ଼ିକ ଗଣି ଖାଲିଘରେ ଲେଖିବା ।
- ରଙ୍ଗ ନ ଥିବା ପାଖୁଡ଼ା ମିଶାଇ ଲେଖିବା ।
- ମୋଟ୍ ପାଖୁଡ଼ା ମିଶାଇ ଲେଖିବା ।

୩. ଧାଡ଼ିରେ ଛାଡ଼ିଯାଇଥିବା (1) 'ଈ'କାରକୁ ଲେଖି ପଢ଼ିବା ଓ ଲେଖିବା ।

ହନୁ ହାତ ଗଲେ କଦଳ ଖାଇ

୪. ଛବି ସହିତ ପଢ଼ିବା ।

କ) ପହିଲମାନ୍ ନିଜ  ବାଡ଼େଇ ଲଢ଼େଇକୁ ଡାକୁଛି ।

ଖ) ଆମେ  ରେ ବସି ନଦୀ ପାର ହେଉ ।

ଗ) ନୀରୋଦ ନୀଳ  କିଣିଲା ।

ଘ) ଚାଷୀ  ଧରି ବିଲକୁ ଯାଉଛି ।

୫. କ) ଚିତ୍ର ଦେଖି ଖାଲି ଘର ପୂରଣ କରିବା ।





ବେ_____ ଆ_____ଳି

ଖ)  ପଢ଼ିବା...

ଡେଙ୍ଗା ଲୋକଟି ଫୁଲ ଶୁଙ୍ଘୁଛି ।

ଗ) 'ଙ୍ଗ' ଓ 'ଙ୍ଘ' ଲାଗିଥିବା ଆଉ କେତୋଟି ଶବ୍ଦ କହ ।

୬.



ତୁମ ବହିର ମଲାଟଟି ଦିଆସିଲିରେ ମାପିବା ଓ କହିବା ।

ଶ୍ରେଣୀ କୋଠରିର ଲମ୍ବ ଓ ଓସାର ଗୋଟିଏ ବାଡ଼ିରେ ମାପିବା ।

ବଗିଚାର ଓସାର ଗୋଟିଏ ଦୁଇହାତିଆ ବାଡ଼ିରେ ମାପିବା ।

ତୁମ ମୁଣ୍ଡକୁ ସୂତାରେ ମାପିବା । ମଗରେ ପାଣି ନେଇ ଗ୍ଲାସରେ ମାପିବା ।

ଘର ପାଇଁ କାମ :

ତୁମ ଘରର ଓସାରକୁ ତୁମ ପାଦରେ ମାପ ।

ଘରେ ତୁମ ମା'ଙ୍କ ସହ ମିଶି ଗୋଟିଏ ଶାଢ଼ିକୁ ମାଆଙ୍କ ହାତରେ ମାପ, କେତେ ହେଲା ଲେଖ ।

୭. ଆମକୁ ଯାହା ଖଟା ଲାଗେ ତାକୁ ନେଳି ଗାରରେ ଓ ଯାହା ମିଠା ଲାଗେ ତାକୁ ନାଲି ଗାରରେ ଜିଭ ସହ ଯୋଡ଼ିବା ।






ଆଖୁ   କଦଳୀ   ଲିଚୁ   କମଳା   କରମଙ୍ଗା   ଆମ୍ବ   ତେନ୍ତୁଳି

୮. ଶିକ୍ଷକ ନିମ୍ନ କାମ ଦେଇ ଆଲୋଚନା କରାଇବେ ।

କ) ତୁମ ଜିଭକୁ ନିଜ ହାତରେ ଧର ଓ ନିଜ ସାଙ୍ଗର ନାଆଁ ଧରି ଡାକ । ତୁମ କଥା ତୁମ ସାଙ୍ଗକୁ କିପରି ଶୁଭିଲା ପଚାରି ବୁଝ ।

ଖ) ଜିଭ ଥିବାରୁ ଆମର କେଉଁ ସବୁ ସୁବିଧା ହୁଏ କହ ।

୯. ଯେତିକି ନାମ ଜାଣିଛ କହ ।

କ) ଖଟା ଜିନିଷ

ଖ) ମିଠା ଜିନିଷ

ଗ) ପିତା ଜିନିଷ

ଘ) ରାଗ ଲାଗୁଥିବା ଜିନିଷ

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖା ସହ ପାଠଟି ଧୀରେ ଧୀରେ ପଢ଼ା ହେବ - ଶିକ୍ଷକ ଓ ଶିକ୍ଷାର୍ଥୀ ମିଶି ପଢ଼ିବେ।
- ବେଙ୍ଗର ଜଙ୍ଘ ବାଡ଼ିଆ କଥା ଆସିଲାବେଳେ ପିଲାମାନେ ଛିଡ଼ା ହୋଇ ଦୁଇ ହାତରେ ନିଜ ଜଙ୍ଘ ବାଡ଼େଇବା ପାଇଁ କୁହାଯିବ।
- ଗପଟି ପଢ଼ା ହେବାପରେ ଏପରି କିଛି ପ୍ରଶ୍ନ ପଚାରି ଆଲୋଚନା ହେବ, ଯେଉଁ ପ୍ରଶ୍ନର ଉତ୍ତରରେ ପିଲା 'ଙ୍ଗ' ଓ 'ଙ୍ଘ' ଉଚ୍ଚାରଣ କରିବା ଦରକାର ହେଉଥିବ ।

  ଯେପରି– ବେଙ୍ଗ ରାଗିଯାଇ କ'ଣ ବାଡ଼େଇଲା ?

  ହାତୀ କାହିଁକି ହସିଲା ? ଇତ୍ୟାଦି
- ଯେଉଁଠି ସୂଚନା ବୁଝିବାରେ ପିଲାଙ୍କ ଅସୁବିଧା ହେବ ଶିକ୍ଷକ ସହାୟତା ଦେବେ।
- ଅଭ୍ୟାସ ୫ (ଗ) ପ୍ରଶ୍ନ ଶିକ୍ଷକ ପଚାରିବେ । ୬ ନଂ. ପ୍ରଶ୍ନର ସୂଚନା ପର୍ଯ୍ୟାୟକ୍ରମେ ଦେଇ କାମଗୁଡ଼ିକୁ କରାଯିବ ।
- ଅଭ୍ୟାସ ୮ ଓ ୯ ଶିକ୍ଷକ ପଚାରି କାମ କରାଇବେ।
- ପ୍ରତ୍ୟେକ ପିଲା ପଢ଼ିବା, କହିବା, ଅଭିନୟ କରିବା, ମାପିବା କାମ କରିବା ଆବଶ୍ୟକ।
- ୨୧ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ 'ଇ'କାର (ି) ଚିହ୍ନିବା ଓ ି ଲାଗିଥିବା ଶବ୍ଦ ପଢ଼ିବା, ଙ୍ଗ ଓ ଙ୍ଘ ଚିହ୍ନିବା, ପଢ଼ିବା ଓ ଲେଖିବା, ଡେଙ୍ଗା-ଗେଡ଼ା ଦର୍ଶାଇବା, ବିଭିନ୍ନ ସ୍ୱାଦଯୁକ୍ତ ଜିନିଷର ନାମ କହିବା, ଜିଭର କାମ ଦର୍ଶାଇବା, ଅଣମାନକ ଏକକରେ ମାପିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।